# ଚିରନ୍ତନ ପଥିକ[୧]

ମୋ ପାଇଁ ରାସ୍ତା ସରେନି
ମୁଁ ଚିରନ୍ତନ ପଥିକଟେ
ମୋ ଜୀବନ ଓ ମୃତ୍ୟୁ ସବୁ
ରାସ୍ତାର ଅଜଣା ଗଳି କନ୍ଦିରେ ॥
କ୍ଲାନ୍ତିହୀନ ପାଦେ ଆଙ୍କେ
ପାଦଚିହ୍ନ ବାଲିର
ମୋ ପାଦଚିହ୍ନ ଢାଙ୍କେ
ମୋ ପାଦ ଚିହ୍ନ ପରି
ଦିଶୁଥିବା
ଅଜଣା ପାଦଚିହ୍ନ ॥
ରାସ୍ତା ଲମ୍ବି ଚାଲେ
ଦୂରକୁ ଦୂରକୁ
ଦିଗବଳୟରୁ
ପୁଣି ଏକ ଦିଗବଳୟକୁ ॥
ଅବଶୋଷ କିଛି ନାହିଁ
ନାହିଁ ପୁଣି, ଖୋଜି ଖୋଜି
ନିଜେ ହଜିବାର ଅନୁତାପ
ଅର୍ଥହୀନ ମୋ ପାଇଁ
ମୋକ୍ଷର ଦ୍ୱାର
ଆଉ ତ୍ରିବେଣୀରତଟ ॥
ମୁଁ ପଥିକଟେ
ମୁଁ ଚିରନ୍ତନ ସୃଜନୀର ସଂଗୀତ
ଶ୍ମଶାନର ସଂଧ୍ୟା  ସକାଳେ
ଚୌକ ପରେ ଚୌକ
ମୋ ନିକଟୁ, ହଜି ହଜି ଯାଏ
ମୋ ଦ୍ରୁତ ପାଦଶବ୍ଦ!!

---
[୧] ପ୍ରଗତିବାଦୀ–୪–୧–୯୮